Chapter- 21

# ଦରଜା ଖୋଲିଦେବା

**STUDY NOTES**

## MIND MAP



**୧. ସତ୍ୟ ଗୁରୁଜୀଙ୍କ କଥାକୁ ସମର୍ଥନ କରୁଥିଲା କାହିଁକି ?**

ଉ- ନାଟ୍ୟକାର ଡ଼. ନାରାୟଣ ସାହୁ ଦରଜା ଖୋଲିଦେବା ଏକାଙ୍କିକାରେ ସତ୍ୟକୁ ଏକ ଆଦର୍ଶ ଶିଶୁ ଚରିତ୍ର ଭାବେ ଚିତ୍ରଣ କରିଛନ୍ତି । ସତ୍ୟ ମାଧ୍ୟମରେ ସେ ବୁଲା ଓ ରହିମ୍ ଚରିତ୍ର ବିଶେଷତା ଦେଖାଇଛନ୍ତି । ପ୍ରଧାନବାବୁଙ୍କ ସଂକୀର୍ଣ୍ଣତାବୋଧର ଯଥାର୍ଥ ଚିତ୍ର ସତ୍ୟ ଚରିତ୍ର ମାଧ୍ୟମରେ ହିଁ ପ୍ରକାଶିତ ହୋଇଛି ।

ସତ୍ୟ ଆଦର୍ଶ ଛାତ୍ର ହିସାବରେ ଗୁରୁଜୀଙ୍କ କଥାକୁ ମର୍ଯ୍ୟାଦା ଦ୍ଧଶ । ଗୁରୁଜୀ ଯାହା କହନ୍ତି, ତାହାକୁ ମନଦେଇ ଶୁଣେ । ସତେଯେପରି ଗୁରୁଜୀହିଁ ତା ଜୀବନର ଆଦର୍ଶ ବୋଲି ମନେ ହୋଇଥାଏ । ସ୍କୁଲଘରେ ସତ୍ୟ ତାର ସାଥିଙ୍କ ସହିତ ପଢୁଥିଲାବେଳେ, ତାର ବାପା ପ୍ରଧାନବାବୁ ଶିକ୍ଷକଙ୍କୁ ବିଭିନ୍ନ ପ୍ରକାର ଆକ୍ଷେପମୂଳକ କଥା କହିଛନ୍ତି । ତାଚ୍ଛଲ୍ୟ କରି ଗାଳି ମଧ୍ୟ ଦେଇଛନ୍ତି । ବାପାଙ୍କର ଏଭଳି ବ୍ୟବହାରରେ ସତ୍ୟ ପ୍ରତିବାଦ କରିଛି । ଗୁରୁଜୀ ଠିକ୍ କଥା କହିଛନ୍ତି ବୋଲି ବାପାଙ୍କୁ କହିଛି । ସେହି ସତ୍ୟ ଘରେ, ରହିମ୍ ଓ ବୁଲାଙ୍କୁ ବିଛଣାରେ ବସିବାର ସୁଯୋଗ ଦେଇଥିବାରୁ ତାର ବାପା ରାଗିଯାଇଛନ୍ତି । ମାତ୍ର ଶିକ୍ଷକଙ୍କ କଥାନୁସାରେ ସତ୍ୟ ତାର ବାପାଙ୍କୁ ବୁଝାଇବାକୁ ଯାଇ କହିଛି ଆମେ ସମସ୍ତେ ସମାନ । ମୋ ଦେହରେ ଯେଉଁ ରକ୍ତ, ତାଙ୍କ ଦେହରେ ବି ସେହି ରକ୍ତ ଅଛି । ପୁନଶ୍ଚ ବାପାଙ୍କ ମନରୁ ଛୁଆଁ ଅଛୁଆଁ ସଂକୀର୍ଣ୍ଣତା ଦୂରେଇ ଦେବାକୁ ଯାଇ ସେ କହିଛି ଛୁଆଁ ଅଛୁଆ ଭେଦଭାବ କେବେଠାରୁ ଲୋପ ପାଇଗଲାଣି । ଗୁରୁଜୀ କହୁଥିଲେ, ଏସବୁ ଆଇନ ଦୃଷ୍ଟିରୁ ଦଣ୍ଡନୀୟ ।

ସତ୍ୟ ବିଚାରରେ ଗୁରୁଜୀ ଯାହା କହୁଥିଲେ ଠିକ୍ । ତେଣୁ ସେ ପ୍ରତି ପଦେ ପଦେ ଗୁରୁଜୀଙ୍କ କଥାକୁ ସମର୍ଥନ କରୁଥିଲା ।

**୨. ବୁଲା ଏବଂ ରହିମ୍ ଜୀବନରେ ଶିକ୍ଷକ କିପରି ନୂତନ ଆଶା ସଂଚାର କରିଥିଲେ ?**

ଉ - ନାଟ୍ୟକାର ଡ଼. ନାରାୟଣ ସାହୁ ଦରଜା ଖୋଲିଦେବା ଏକାଙ୍କିକାରେ ବୁଲା ଏବଂ ରହିମ୍ ଭଳି ଚରିତ୍ରର ବର୍ଣ୍ଣନା ଦେଇ ସମାଜକୁ ଏକ ନୂତନ ଦିଗ୍‌ଦର୍ଶନ ଦେଇଛନ୍ତି । ବୁଲା ଏବଂ ରହିମ୍ ଦୁହିଁଙ୍କୁ ଶିକ୍ଷକ ଜଣେ ସଚ୍ଚା ଗୁରୁଜୀ ଭାବରେ ସ୍ନେହ ଆଦର ଦେଇ ପାଠ ପଢ଼ିବାପାଇଁ ପ୍ରେରଣା ଦେଇଛନ୍ତି ।

ସ୍କୁଲ ଛୁଟିଦିନରେ ବୁଲା ଓ ରହିମ୍ ସ୍କୁଲ କୋଠରିରେ ପ୍ରବେଶ କରିଛନ୍ତି । କୋଠରିର ସବୁକିଛି ଜିନିଷ ଆଗ୍ରହ ସହକାରେ ଦେଖିଛନ୍ତି । ବୁଲା ଚେୟାର ଉପରେ ଶିକ୍ଷକଙ୍କ ଭଳି ବସିଛି । ରହିମ୍‌କୁ ସବୁକଥା ବୁଝାଇଛି । ଶେଷରେ ଚକ୍ ଧରି ଶିକ୍ଷକଙ୍କ ଛବି ଆଙ୍କିଛି । ଏହି ସମୟରେ ଶିକ୍ଷକ ସେଠାରେ ପହଂଚିଛନ୍ତି । ଶିକ୍ଷକଙ୍କୁ ଦେଖି ସେମାନେ ଭୟରେ ପଳାଇ ଯିବାକୁ ଚାହିଁଛନ୍ତି । ମାତ୍ର ଶିକ୍ଷକ ସେମାନଙ୍କୁ ସ୍ନେହ ଆଦରରେ ଡ଼ାକିଛନ୍ତି । ସେମାନଙ୍କର ନାଁ ପଚାରିଛନ୍ତି । ସେମାନେ କଣ କରନ୍ତି ବୋଲି ଜାଣିବାକୁ ଚାହିଁଛନ୍ତି । ସେମାନେ ଇଟାଭାଟିରେ କାମ କରୁଥିବା କଥା ଜାଣି ଦୁଃଖ ପ୍ରକାଶ କରିଛନ୍ତି । ମନେ ମନେ

ଭାବିଛନ୍ତି ଯେଉଁ ହାତ ସିଲଟ ଖଡ଼ି ଧରବା କଥା, ସେଇ ହାତ ଯଦି ଇଟା ପଥର ଭାଙ୍ଗିବ ତା ହେଲେ ଦେଶର ଭବିଷ୍ୟତ କଣ ହେବ ?

ଇଲା ଓ ରହିମ୍‌ଙ୍କୁ ପାଠ ପଢ଼ିବାପାଇଁ ଶିକ୍ଷକ ବୁଝାଇଛନ୍ତି । ପାଠ ଯେ ଜୀବନରେ ନିହାତି ଆବଶ୍ୟକ ସେକଥା ବୁଝାଇବାକୁ ଯାଇ ଶିକ୍ଷକ ବିଭିନ୍ନ ଉଦାହରଣ ଦେଇଛନ୍ତି । ଶିକ୍ଷକଙ୍କ ମତରେ, ପାଠ ହେଉଛି ଗୋଟିଏ ଆଲୁଅ, ଯାହାକି ସେମାନଙ୍କୁ ଅନେକ କଥା ଠିଖ୍ ରୂପେ ଦେଖିପାରିବାର ସୁଯୋଗ ଦେବ । ସେମାନେ ଠିକ୍ ରୂପେ ପାଠ ପଢ଼ି ନଥିବାରୁ ପ୍ରଧାନବାବୁ ସେମାନଙ୍କୁ ଇଟାଭାଟିରେ କାମ କରାଉଛି । ଅଧିକ କାମ କରାଉଥିଲେ ବି ଉପଯୁକ୍ତ ପଇସା ଦେଉନାହିଁ । ସେମାନେ ନିଜର ଭବିଷ୍ୟତ କଥା ଭାବିବାକୁ ହେଲେ ପାଠ ପଢ଼ିବାକୁ ହେବ ବୋଲି ଶିକ୍ଷକ ବୁଝାଇ ଦେଇଛନ୍ତି । ପାଠ ପଢ଼ିଲେ ସେମାନେ କି ଲାଭ ପାଇବେ ତା ବୁଝାଇବାପାଇଁ ଶିକ୍ଷକ କହିଛନ୍ତି – ପେଟ ପୁରୁ ନପୁରୁ ଆଖି ଖୋଲିଯିବ, ସବୁ ଜାଣି ପାରିବ । ସେଥିଲାଗି କହୁଛି, ପାଠ ପଢ଼ା ହିଁ କାଲିଠାରୁ ତମେ ଦିହେଁ ସ୍କୁଲକୁ ଆସିବ । ଶିକ୍ଷକ ବୁଲା ଓ ରହିମ୍‌କୁ ବୁଝାଇଛନ୍ତି । ବେଶି ସମୟ ନଦେଲେ ବି ଦିନକୁ ଘଂଟାଏ ଲେଖାଏଁ ପାଠ ପଢ଼ିବାକୁ ଆସିଲେ ଯଥେଷ୍ଟ ହେବ । ପ୍ରଧାନବାବୁ ବୁଲା ଓ ରହିମ୍‌କୁ ସ୍କୁଲକୁ ନ ଆସିବାପାଇଁ ଧମକ ଚମକ ଦେଇଥିଲେ ହେଁ ସେମାନେ କେବଳ ଶିକ୍ଷକଙ୍କ ସ୍ନେହ ପାଇଁ ସ୍କୁଲକୁ ଆସିଛନ୍ତି । ଶିକ୍ଷକଙ୍କ ଉଦ୍ୟମ ଯୋଗୁଁ ସେମାନେ ପାଠ ପଢ଼ିବାକୁ ଆଗ୍ରହୀ ହୋଇଛନ୍ତି ।

ODM EDUCATIONAL GROUP Changing your Tomorrow